# Akashvani, Sambalpur

## SAMBALPURI NEWS EVENING BULLETIN

**25 May 2024- 7.02 pm- 7.12 pm.**

*********************************************

୧- ଦେଶେ ୬ ନମ୍ବର୍ ଖେପ୍ ନିର୍ବାଚନ୍‌ଥି ଉପର୍‌ବେଲା ୫ ବଜେତକ୍ ହେଇଛେ ୫୭ ଦଶ୍‌ମିକ୍ ୭/ଶୂନ୍ ପ୍ରତିଶତ ମତଦାନ୍ ।

- ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ୬ ଟା ଲୋକ୍‌ସଭା ଆର୍ ୪୨ ଟା ବିଧାନ୍‌ସଭା ଆସନ୍ ନ ନିଆଗଲା ଭୋଟ୍ ।

- ଉପର୍‌ବେଲା ୫ ବଜେତକ୍ ୫୯ ଦଶ୍‌ମିକ୍ ୬/ଶୂନ୍ ପ୍ରତିଶତ୍ ହେଇଛେ ମତଦାନ୍ ।

୨- ଦଲର୍ ପ୍ରାର୍ଥୀମାନ୍‌କର୍ ପ୍ରଚାର୍ ଲାଗି ଆଏବା ୨୯ ତାରିଖ୍ ଦିନ ଓଡ଼ିଶା ଆସ୍‌ବେ ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୩- ଆଏବା କାଏଲ୍ ବାହାର୍‌ବା ଯୁକ୍ତ ଦୁଇ ଆର୍ ମେଟ୍ରିକ୍ ରିଜଲ୍ଟ ।

ଆଉର୍

୪- ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଅବପାତ ଆଏବାକାଏଲ୍ ସଞ୍ଜ୍‌ବେଲ୍‌ତକ୍ ବାତ୍ୟାର୍ ରୂପ୍ ନେବାର୍ ସମ୍ଭାବନା ।

୬ ନମ୍ବର୍ ଖେପ୍ ନିର୍ବାଚନ୍      ଆର୍‌ଏନ୍‌ୟୁ/ସମ୍ବଲପୁର

ଦେଶର୍ ୬ ନମ୍ବର୍ ଖେପ୍ ସାଧାରଣ ନିର୍ବାଚନ୍‌ଥି ଆଏଜ୍ ଓଡ଼ିଶା ସହେତେ ବିହାର୍, ହରିଆଣା, ଝାର୍‌ଖଣ୍ଡ, ଉତର୍‌ପ୍ରଦେଶ୍, ପଶ୍ଚିମବଙ୍ଗ୍, ଦିଲ୍ଲୀ ଆଉ ଜାମ୍ମୁକାଶ୍ମୀର୍‌ର ୫୮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯାଉଛେ । ଉପର୍‌ବେଲା ୫ ବଜେତକ୍ ୫୭ ଦଶ୍‌ମିକ୍ ୭ /ଶୂନ୍ ପ୍ରତିଶତ୍ ମତଦାନ୍ ରେକର୍ଡ୍ କରାଯାଇଛେ । ଇ ଖେପେ ମୋଟ୍ ୮ ଶହ ଅଣାନବେ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ଆଏଜ୍ ଉପର୍‌ବେଲା ୫ ବଜେତକ୍ ବିହାର୍ ନ ୫୨ ଦଶମିକ୍ ୨/୪ ପ୍ରତିଶତ୍, ହରିଆଣା ନ ୫୫ ଦଶ୍‌ମିକ୍ ୯/୩ ପ୍ରତିଶତ୍, ଜମ୍ମୁ କାଶ୍ମୀର୍ ନ ୫୧ ଦଶ୍‌ମିକ୍ ୩/୫ ପ୍ରତିଶତ୍, ଝାର୍‌ଖଣ୍ଡ ନ ୬୧ ଦଶ୍‌ମିକ୍ ୪/୧ ପ୍ରତିଶତ୍, ଦିଲ୍ଲୀ ନ ୫୩ ଦଶ୍‌ମିକ୍ ୭/୩, ଉତର୍‌ପ୍ରଦେଶ୍ ୫୨ ଦଶ୍‌ମିକ୍ ଶୂନ୍/୨ ଆର୍ ପଶ୍ଚିମବଙ୍ଗ ୭୭ ଦଶ୍‌ମିକ୍ ୯/୯ ପ୍ରତିଶତ୍ ମତଦାନ୍ ହେଇଥିଲା ।

ରାଜ୍ୟ- ନିର୍ବାଚନ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୩ ନମ୍ବର୍ ଖେପ୍ ନିର୍ବାଚନ୍ଥି ୧୦ ଟା ଜିଲ୍ଲା ନ ୬ ଟା ଲୋକ୍ସଭା ଆସନ୍ ଆଉ ୪୨ ଟା ବିଧାନ୍ସଭା ଆସନ୍ ଲାଗି ମତଦାନ୍ ଶାନ୍ତିଶୃଙ୍ଖଲାଥି ସରିଛେ । ଉପର୍ବେଲା ୫ ବଜେତକ୍ ୫୯ ଦଶ୍ମିକ୍ ୬/ଶୂନ୍ ପ୍ରତିଶତ୍ ମତଦାନ୍ ହେଇଥିବା ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସୂଚ୍ନା ମିଲିଛେ । ସମ୍ବଲପୁର ଲୋକ୍ସଭା ଆସନ୍ ନ ସବୁନୁ ଅଏତ୍କା ୬୫ ଦଶ୍ମିକ୍ ୯/୧ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ କେନ୍ଦୁଝର୍ ନ ୬୨ ଦଶ୍ମିକ୍ ୪/୩ ପ୍ରତିଶତ୍, ପୁରୀ ନ ୬୧ ଦଶ୍ମିକ୍ ୧/୭ ପ୍ରତିଶତ୍, ଢେଙ୍କାନାଲ୍ ନ ୬୦ ଦଶ୍ମିକ୍ ୮/୮ ପ୍ରତିଶତ୍, କଟକ୍ ନ ୫୪ ଦଶ୍ମିକ୍ ୩/୬ ଆର୍ ଭୁବ୍ନେଶ୍ୱର୍ ଲୋକ୍ସଭା ଆସନ୍ଥି ୫୩ ଦଶ୍ମିକ୍ ୫୪ ପ୍ରତିଶତ୍ ଭୋଟ୍ ହେଇଛେ ।

ଇ ଖେପେ ୬ ଟା ସଂସଦୀୟ କ୍ଷେତ୍ର ଲାଗି ୬୪ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବାର୍ ବେଲେ ୪୨ ଟା ବିଧାନ୍ସଭା ଆସନ୍ ଲାଗି ୩ ଶହ ୮୩ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ । ମୋଟ୍ ୧୦ ହଜାର୍ ୫ ଶହ ୫୧ ଟା ମତଦାନ୍ କେନ୍ଦ୍ର ନ ଭୋଟ୍ ନିଆଯାଉଛେ ।

୩ ନମ୍ବର୍ ଖେପ୍ର ନିର୍ବାଚନ୍କେ ଅବାଧ, ନିରପେକ୍ଷ ଆଉ ଶାନ୍ତିଶୃଙ୍ଖଲା ସହେତେ ପରିଚାଳନା କର୍ବାର୍ ଲାଗି ରାଜ୍ୟ

ପ୍ରଶାସନ୍ ଆଉ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍‌ଫୁ ଜବର୍ ବ୍ୟବସ୍ଥା ଗ୍ରହଣ୍ କରାଯାଇଥିଲା ।

ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇକରି କହିଛନ୍ ଯେ, ଯେନ୍ ବୁଥ୍ ନ ଇଭିଏମ୍ ନସି ଯାଇଥିଲା, ସେଠାନେ ଇଭିଏମ୍ ପୁନଃସ୍ଥାପନ କରାଯାଇଛେ । ଆଉ ଶୃଙ୍ଖଲିତ୍ ଭାବେ ମତଦାନ୍ ଜାରି ରହିଛେ ।

ସମ୍ବଲ୍‌ପୁର୍ ସଂସଦୀୟ କ୍ଷେତ୍ରର ୪ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଭିତ୍‌ରୁ କୁଚିଣ୍ଡା ନ ୭୨ ଦଶ୍‌ମିକ୍ ୫/୫, ରେଢ଼ାଖୋଲ୍ ନ ୬୬, ରେଙ୍ଗାଲି ନ ୬୯ ଦଶ୍‌ମିକ୍ ୧/୧ ଆର୍ ସମ୍ବଲ୍‌ପୁର୍ ନ ୫୪ ଦଶ୍‌ମିକ୍ ୪/ଶୂନ୍ ପ୍ରତିଶତ୍ ମତଦାନ୍ ହେଇଛେ । ଜିଲ୍ଲା ନ ୯ ଶହ ୪୮ ଟା ମତଦାନ୍ କେନ୍ଦ୍ର ନ ଭୋଟ୍ ହେଇଛେ । ଇ ବାବ୍‌ଦେ ଆମର୍ ସମ୍ବଲ୍‌ପୁର୍ ସମ୍ବାଦଦାତା ଗୁଣମଣି ବିଶ୍ୱାଲ୍‌ଙ୍କର୍ ରିପୋର୍ଟ....

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ସମ୍ବଲ୍‌ପୁର୍ ସଂସଦୀୟ କ୍ଷେତ୍ରର୍ ଦେବ୍‌ଗଡ଼୍ ବିଧାନ୍‌ସଭା ଆସନ୍ ନ ୬୭ ପ୍ରତିଶତ୍ ଭୋଟର୍ ମତଦାନ୍ କରିଛନ୍ । ହେନ୍ତା ଅନୁଗୁଲ୍ ଜିଲ୍ଲାର୍ ଆଠ୍‌ମଲ୍ଲିକ୍ ବିଧାନ୍‌ସଭା ଆସନ୍ ନ ୬୬ ଦଶ୍‌ମିକ୍ ୨/ଶୂନ୍ ପ୍ରତିଶତ୍ ଆର୍ ଛେଣ୍ଡିପଦା ଆସନ୍ ନ ୬୫ ଦଶ୍‌ମିକ୍ ୫/ଶୂନ୍ ପ୍ରତିଶତ୍ ମତଦାନ୍ ରେକର୍ଡ଼ କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ

ଆର୍‌ଏନ୍‌ୟୁ/ ସମ୍ବଲପୁର/ କଟକ୍‌

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍‌ ଦିନ ଓଡ଼ିଶା ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା ଆର୍‌ ବାଲେଶ୍ୱର୍‌ ନ ଦଲୀୟ ପ୍ରାର୍ଥୀମାନ୍‌କର୍‌ ଲାଗି ପ୍ରଚାର୍‌ କର୍‌ବାର୍‌ କାର୍ଯ୍ୟସୂଚୀ ରହିଛେ । ଆଏବା କାଏଲ୍‌ ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍‌ ଶାହା ଓଡ଼ିଶା ଗସ୍ତ ନ ଆସିକରି ବାରିପଦା, ଚାନ୍ଦବାଲି, ପୁରୀ ଆର୍‌ ନିମାପଡ଼ା ନ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍‌ ଦେବାର୍‌ କାର୍ଯ୍ୟକ୍ରମ୍‌ ରହିଛେ ।

ହେନ୍ତା ଆଏଜ୍‌ ବିଜେପିର ବରିଷ୍ଠ ନେତ୍ରୀ ଆର୍‌ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦଲର୍‌ ପ୍ରାର୍ଥୀମାନ୍‌କର୍‌ ଲାଗି ପ୍ରଚାର୍‌ କର୍‌ବାର୍‌କେ ଓଡ଼ିଶା ଆସିଛନ୍‌ । ସେ ପାରାଦ୍ୱୀପ୍‌ର କୁଜଙ୍ଗ ଠାନେ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍‌ ଦେଇଥିଲେ । ଶ୍ରୀମତୀ ଇରାନୀ ଆଏଜ୍‌ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର୍‌ ଆଲୀ ଆର୍‌ ବାଲେଶ୍ୱର୍‌ ସଂସଦୀୟ କ୍ଷେତ୍ରର୍‌ ରେମୁଣା ଠାନେ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ଦଲର୍‌ ପ୍ରାର୍ଥୀମାନ୍‌କର୍‌ ଲାଗି ପ୍ରଚାର୍‌ କରିଥିଲେ ।

ସେଆଡ଼େ ଆଏବାକାଏଲ୍‌ ଆର୍‌ ୨୮ ତାରିଖ୍‌ ଦିନ୍‌ ଭିତ୍‌ରେ କଂଗ୍ରେସ୍‌ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆର୍‌ ଦଲର୍‌ ବରିଷ୍ଠ ନେତା

ରାହୁଲ୍ ଗାନ୍ଧୀ  ଓଡ଼ିଶା ଗସ୍ତ ନ ଆସିକରି ବାଲେଶ୍ୱର୍ ଆର୍ ଭଦ୍ରକ୍ ଠାନେ ଦଲର୍ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ ।

ଗଲାକାଏଲ୍ ବିଜେଡ଼ିର ବରିଷ୍ଠ ନେତା ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଯାଜ୍‌ପୁର୍ ଗସ୍ତ୍‌ଥି ଯାଇକରି ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଥିଲେ ।

ମେଟ୍ରିକ୍- + ଦୁଇ  ରିଜଲ୍ଟ     ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଇ ବଛରର୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବାକାଏଲ୍ ବାହାର୍‌ବା । ଇତାର୍‌ସହେତେ ସଂସ୍କୃତ, ମଧ୍ୟମା ଆର୍ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଲ୍ ଭିଲ୍ ବାହାର୍‌ବା । ସାଢ଼େ ୧୧ ବଜେତକ୍ ବୋର୍ଡ଼ର ଓ୍ୱେବ୍‌ସାଇଟ୍ www.bseodisha.ac.in ଥି ଛାତ୍ରଛାତ୍ରୀମାନେ ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଉପର୍‌ବେଲା ଟେବୁଲେସନ୍ ରେଜିଷ୍ଟର୍ ମିଲିପାର୍‌ବା ।

ସେନ୍ତା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଳକ୍ ଶିକ୍ଷା ପରୀକ୍ଷାଫଲ୍ ଭିଲ୍ ଆଏବା କାଏଲ୍ ବାହାର୍‌ବା । ପରିଷଦ୍ କାର୍ଯ୍ୟାଳୟ ନ ଆଏବା କାଏଲ୍ ଉପର୍‌ବେଲା ୩ ବଜେ ପରୀକ୍ଷାଫଲ୍ ବାହାର୍‌ବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଛାତ୍ରଛାତ୍ରୀମାନେ

www.orissaresults.nic.in ଲଗ୍ଇନ୍ କରିକରି ପରୀକ୍ଷାଫଲ୍ ଦେଖିପାର୍ବେ । ଇତାର୍ଛଡ଼ା ଡିଜି ଲକର୍ ଜରିଏ ଭିଲ୍ ପରୀକ୍ଷାଫଲ୍ ଜାନିହେବା ବଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ କୁହାଯାଇଛେ ।

ହାତୀ ଗନ୍ତି ଆର୍ଏନ୍ୟୁ/ସମ୍ବଲପୁର/ବୌଦ୍ଧ ସମ୍ବାଦଦାତା

ରାଏଜେ ହାତୀ ଗଣନା କାମ୍ ଗଲାକାଏଲ୍ ଶେଷ୍ ହେଇଛେ । ରାଜ୍ୟର୍ ୫୧ ଟା ଜଙ୍ଗଲ୍ ଡିଭିଜନ୍ ଭିତ୍ରୁ ୪୬ ଟା ଡିଭିଜନ୍ ନ ମାନେ ହାତୀ ଚଲ୍ପ୍ରଚଲ୍ କରୁଥିବାର୍ ଗଣ୍ନାନୁ ଜନାପଡ଼ିଛେ । ଗଲା ଶୁକ୍ରବାର୍ତକ୍ ୩ ଦିନ୍ ଧରିକରି ଚାଲିଥିବା ଇ ଗଣ୍ନା ଅନ୍ସାରେ ଚନ୍ଦକା- ଡମ୍ପଡ଼ା ହସ୍ତି ଅଭୟାରଣ୍ୟ ନ ୪୫ ଟା ହାତୀ ଅଛନ୍ ବଲି ଜଙ୍ଗଲ୍ ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ ।

ସେନ୍ତା ବୌଦ୍ଧ ଜଙ୍ଗଲ୍ ଡିଭିଜନ୍ ଆର୍ ମହାନଦୀ ବନ୍ୟପ୍ରାଣୀ ରେଞ୍ଜ୍ ନ ଚାଲିଥିବା ହାତୀ ଗଣ୍ନା ଆଏଜ୍ ଶେଷ୍ ହେଇଛେ । ବୌଦ୍ଧ, ନୟାଗଡ୍ ଡିଭିଜନ୍ର ମାଧୋପୁର୍ ରେଞ୍ଜ୍ ନ ୧୪ ଟା ହାତୀ ଅଛନ୍ । ଇ ହାତୀମାନ୍କୁ ଆଢ଼େଣିଗଡ଼୍, ବାରିଙ୍ଗ ଆର୍ ତଲ୍ଗାଁ ସେକ୍ସନ୍ର ହାତୀଧରା, ମୁଣ୍ଡେସର୍ ଆଉ ପୁଢ଼ଲ୍ ଜଙ୍ଗଲ୍ ନ ଠାବ୍ କରାଯାଇଛେ ।

ହେନ୍ତା ମାରଡ଼ା, ଶୀତଳପାଣି, ସୁନାଖଣିଆ, ଅତଲ୍‌ସଲା, କୁମାରୀ ଆର୍ କୁସଙ୍ଗ ବାଗିର୍ ୧୧ ଟା ବିଟ୍ ନ ହାତୀ ଗନ୍‌ବାର୍ ଲାଗି ୩୩ ଝନ୍ କର୍ମଚାରୀ ନିୟୋଜିତ ହେଇଥିଲେ ।

ଦିଲ୍ଲୀ ନ କଲାହାଣ୍ଡି ଆମ୍ବ ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ଜିଲ୍ଲାନୁ ନୂଆଦିଲ୍ଲୀକେ ଇ ବଛର୍ ୨୦ ମେଟ୍ରିକ୍‌ଟନ୍ ଆମ୍ ପଠାଯିବା । ଜିଲ୍ଲାର୍ ଫୁଡ୍ ଏଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍ ତର୍‌ଫୁ ନୂଆଦିଲ୍ଲୀର୍ ମଦର୍ ଡାଇରୀକେ ଆମ୍ ପଠାବାର୍ ଲାଗି ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଗଲା ଗୁରୁବାର୍ ଦିନ ମଦନ୍‌ପୁର୍ ରାମ୍‌ପୁର୍, ନର୍ଲା ଆଉ ଥୁଆମୁଲ୍ ରାମ୍‌ପୁର୍‌ନୁ ଟିଟିଲାଗଡ଼୍‌ନୁ ରେଲ୍‌ଥି ଦିଲ୍ଲୀକେ ଆମ୍ ପଠାଯାଇଥିଲା । ପଠାଯାଇଥିବାର୍ ଆମ୍ ଭିତ୍‌ରେ ଆମ୍ରପଲ୍ଲୀ, ମଲ୍ଲିକା ବାଗିର୍ କିସମ୍‌ର ଆମ୍ ରହିଛେ । ଗଲାବଛର୍ ଜିଲ୍ଲାନୁ ୩ ମେଟ୍ରିକ୍‌ଟନ୍ ୭୦ କ୍ୱିଂଟାଲ୍ ଆମ୍ ମଦର୍ ଡାଇରୀକେ ପଠାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଗଲାଥର ଜିଲ୍ଲାର୍ ୯ ଟା ଚାଷୀ ଉତ୍ପାଦକ ସଂସ୍ଥା ତର୍‌ଫୁ ଗାଁ ଆମ୍ର ପସରା ହାଟ ନ ଭିନ୍ ଭିନ୍ ପ୍ରଜାତିର୍ ଜବର୍ ଆମ୍ ବିକ୍ରି କରାଯାଇଥିଲା ।

ପୋଖରୀ ପୁନରୁଦ୍ଧାର୍-ଝାର୍ସୁଗୁଡ଼ା ଆର୍ଏନ୍ୟୁ/ ଝାର୍ସୁଗୁଡ଼ା

ଝାର୍ସୁଗୁଡ଼ା ସହରର୍ ବୁରୋମାଲ୍ ଠାନେ ଥିବା ସବୁଠାନୁ ପୁରାତନ୍ ବନ୍ଧ୍ ପୁନରୁଦ୍ଧାର୍ କାମ୍ ମୁଲ୍ ହେଇଛେ । ପହେଲା ଖେପେ ବନ୍ଧ୍ ଭିତ୍ରୁ ଲଟାବୁଦା ଆଉ ପଟୁମାଟିକେ ବାହାର୍ କରାଯିବା । ଇ ବନ୍ଧ୍ର ପାଏନ୍କେ ଲୁକ୍କର୍ ବେଭାର୍ ଉପଯୋଗୀ କର୍ବାର୍ ଲାଗି ପଦକ୍ଷେପ୍ ନିଆଯାଉଥିବାର୍ ଜନାପଡ଼ିଛେ । ସହରର୍ ବୁରୋମାଲ୍, ମଙ୍ଗଲ୍ବଜାର୍, ବୁଢ଼ାପଡ଼ା, ପୁର୍ନାବସ୍ତି, ବାବୁପଡ଼ା ବାଗିର୍ ଇଲାକାର୍ ଲୁକେ ଇ ବନ୍ଧ୍ ଉପରେ ନିର୍ଭର୍ କର୍ସନ୍ ।

ଲଖନ୍ପୁର୍- ଗ୍ରାମୀଣ ସମ୍ବଳ କେନ୍ଦ୍ର ଆର୍ଏନ୍ୟୁ/ ସମ୍ବଲପୁର

ଝାର୍ସୁଗୁଡ଼ା ଜିଲ୍ଲା ଲଖନ୍ପୁର୍ ବ୍ଲକ୍ର ଇନ୍ଦୁପୁର୍ ଠାନେ ଗ୍ରାମୀଣ ସମ୍ବଳ କେନ୍ଦ୍ର ଗଲାକାଏଲ୍ ଉଦ୍ଘାଟନ୍ ହେଇଛେ । ଇ ପ୍ରକଳ୍ପ ଲାଗି ୨୯ ଲାଖ୍ ୪୦ ହଜାର୍ ଟଙ୍କା ଖର୍ଚ୍ଚା କରାଯାଇଛେ । ଇ ସମ୍ବଳ କେନ୍ଦ୍ର ଜରିଏ ଚାଷୀ ଆଉ ମହିଳାମାନ୍କର୍ ଦକ୍ଷତା ବିକାଶ୍ ଆଉ ସଶକ୍ତିକରଣ୍ ଉପ୍ରେ ପଦକ୍ଷେପ୍ ନିଆଯିବା । ଇନ ସୌରଶକ୍ତି ପରିଚାଲିତ୍ ଗୁଟେ ଶୀତଲ୍ଭଣ୍ଡାର୍ର ବ୍ୟବସ୍ଥା ରହିଛେ । ଖୋବ୍ ଜଲ୍ଦି ଗୁଟେ

ପ୍ରକ୍ରିୟାକରଣ ୟୁନିଟ୍ ଖୁଲାଯିବା । ଯେନ୍ଥି କି କୃଷିଜାତ ସାମଗ୍ରୀକେ ପ୍ରକ୍ରିୟାକରଣ୍ କରାଯାଇକରି ବଜାର୍ ସଂଯୋଗ୍ କରାଯିବା ।

ପାଣିପାଗ ଆର୍ଏନ୍ୟୁ/ କଟକ୍

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଉପ୍ରେ ଥିବାର୍ ଅବପାତ ଗହୀର୍ ଅବପାତ୍ର ରୂପ ନେଇଛେ । ଇଟା ଦକ୍ଷିଣ-ଦକ୍ଷିଣପୂର୍ବ ସାଗର୍ଦୀପ୍ଠାନୁ ୩ ଶହ ୮୦ କିଲୋମିଟର୍ ଆର୍ ବାଂଲାଦେଶ୍ ଖେପୁପଡ଼ାଠାନୁ ୪ ଶହ ୯୦ କିଲୋମିଟର୍ ଦକ୍ଷିଣ୍ଥି କେନ୍ଦ୍ରୀଭୂତ ହେଇଛେ । ଇଟା ଧିରେ ଧିରେ ତୀବ୍ର ହେଇକରି ବାତ୍ୟାର୍ ରୂପ୍ ନେବା । ଆଏବା କାଏଲ୍ ସଞ୍ଜ୍ବେଲେ ଇଟା ଭୀଷଣ୍ ବାତ୍ୟାଥି ପରିଣତ୍ ହେଇକରି ସାଗର୍ଦୀପ୍ ଆର୍ ଖେପୁପଡ଼ା ମଝିର୍ ବାଂଲାଦେଶ ଆର୍ ପଶ୍ଚିମବଙ୍ଗ୍ ଉପକୂଲ ନ ଲ୍ୟାଣ୍ଡଫଲ୍ କର୍ବାର୍ ଅନୁମାନ୍ ରହିଛେ । ଇତାର୍ବଲେ ଉତର୍ ଆଉ ଉପକୂଲ ଓଡ଼ିଶାର୍ କେତେଟା ଜାଗା ନ ପ୍ରବଲ୍ନୁ ଅତି ପ୍ରବଲ୍ ବର୍ଷା ସହେତେ ୪୦ ନୁ ୫୦ କିଲୋମିଟର୍ ବେଗେ ପବନ୍ ବୁହିବା । ବାତ୍ୟାକେ ନେଇକରି ବାଲେଶ୍ୱର୍, ଭଦ୍ରକ, କେନ୍ଦ୍ରାପଡ଼ା, ଆର୍ ମୟୁର୍ଭଞ୍ଜ୍ ଜିଲ୍ଲାର୍ ଜିଲ୍ଲାପାଲ୍ ମାନ୍କୁ ସତର୍କ ରହେବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ନିର୍ଦ୍ଦେଶ୍ ଦେଇଛନ୍ ।

ତାପମାତ୍ରା            ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଆଏଜ୍ ସବୁନୁ ଜହ ତାପମାତ୍ରା ନୂଆପଡ଼ା ନ ୪୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା । ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍ ନ ୪୨ ଦଶ୍‌ମିକ୍ ୧, ଟିଟିଲାଗଡ଼୍ ନ ୪୧ ଦଶ୍‌ମିକ୍ ୫, ବୌଦ୍ଧ ନ ୪୧, ସମ୍ବଲ୍‌ପୁର୍ ୪୦ ଦଶ୍‌ମିକ୍ ୭, ଝାର୍‌ସୁଗୁଡ଼ା ୪୦ ଦଶ୍‌ମିକ୍ ୬, ସୋନ୍‌ପୁର୍ ନ ୩୯ ଦଶ୍‌ମିକ୍ ୮, ବର୍‌ଗଡ଼୍ ନ ୩୯ ଦଶ୍‌ମିକ୍ ୪, ଭବାନୀପାଟ୍‌ନା ନ ୩୯, ସୁନ୍ଦର୍‌ଗଡ଼୍ ନ ୩୮ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେଆଡ଼େ ଆଏଜ୍ ରାତି ନୂଆପଡ଼ା, ବୌଦ୍ଧ, ସୋନ୍‌ପୁର୍, ବଲାଙ୍ଗିର୍ ଜିଲ୍ଲା ନ ଧୁକାଧନ୍ଦି ସହେତେ ବିଜ୍‌ଲି ମାର୍‌ବା ବଲି ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।